

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ସ୍ୱତନ୍ତ୍ର ବିଶେଷାଙ୍କ — ରଥଯାତ୍ରା-୨୦୨୦

# କୋଭିଡ୍ କଟକଣା ଭିତରେ ଐତିହାସିକ ରଥଯାତ୍ରା

ଚଳିତ ବର୍ଷ ଐତିହାସିକ ରଥଯାତ୍ରାର ଭିତ୍ତି ପଡ଼ିଥିଲା ରଥକାଠ ଚୟନ ପ୍ରକ୍ରିୟାରୁ । ଜାନୁଆରୀ ୭ ତାରିଖରେ କାଠ ଚୟନ ପାଇଁ ନୟାଗଡ଼ ଫରେଷ୍ଟ ରେଞ୍ଜକୁ ଶ୍ରୀମନ୍ଦିର ପ୍ରତିନିଧି ଦଳ ଲାଗି ମାଳ, ମାହାର୍ଦ୍ଦ ନେଇ ପହଞ୍ଚିଲେ । ବିଧି ଅନୁସାରେ ବଡ଼ ରାଉଳ ଠାକୁରାଣୀଙ୍କ ଠାରେ ପୂଜାର୍ଚ୍ଚନା ହେଲା ପରେ କାଠ ଚୟନ ହୋଇଥିଲା । ଏହାପରେ ପ୍ରଥମ ରଥ କାଠ ସମୟ ମୁତାବକ ପୁରୀରେ ପହଂଚିବା ପରେ ଜାନୁଆରୀ ୩୦ ସରସ୍ୱତୀ ପୂଜା ଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ରଥକାଠ ଅନୁକୂଳ ବିଧି ସମ୍ପାଦିତ ହୋଇଥିଲା । ରଥଯାତ୍ରା ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ମାର୍ଚ୍ଚ ମାସରେ ଓଡ଼ିଶାରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଆରମ୍ଭ ହୋଇଥିଲା । ଏହାର ପ୍ରଭାବ ସିଧାସଳଖ ପୁରୀ ସହର ଉପରେ ମଧ୍ୟ ଅନୁଭୂତ ହେଲା ।

କୋଭିଡ୍ ସ୍ଥିତିକୁ ନଜରରେ ରଖି ମାର୍ଚ୍ଚ ୧୫ ତାରିଖରେ ଶ୍ରୀମନ୍ଦିର ଛତିଶା ନିଯୋଗର ଏକ ଜରୁରୀ ସ୍ୱତନ୍ତ୍ର ବୈଠକ ହୋଇଥିଲା । ଏଥିରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଶ୍ରୀମନ୍ଦିରରେ ଦର୍ଶନ କଟକଣା ଲାଗୁ ହେବା ସହ ଶ୍ରଦ୍ଧାଳୁଙ୍କ ପ୍ରବେଶ ପାଇଁ ଘୋଷଣାନାମା, ଥର୍ମାଲ୍ ସ୍କାନିଂ ଆଦି ବ୍ୟବସ୍ଥା କରାଗଲା । କିନ୍ତୁ ବେଳକୁ ବେଳ ସ୍ଥିତି ଅଧିକ ଗମ୍ଭୀର ହେବାରୁ ଧାର୍ମିକ ସ୍ଥଳଗୁଡ଼ିକୁ ସାଧାରଣ ଲୋକଙ୍କ ପ୍ରବେଶ ନେଇ ସରକାର କଟକଣା ଜାରି କଲେ । ଏହିପରି କୋଭିଡ୍ ପଜେଟିଭ୍ ସଂଖ୍ୟା ବଢ଼ିବାରୁ ମାର୍ଚ୍ଚ ୨୦ ତାରିଖରୁ ଶ୍ରୀମନ୍ଦିରକୁ ସାଧାରଣ ଭକ୍ତଙ୍କ ପ୍ରବେଶକୁ ନିଷିଦ୍ଧ କରାଗଲା । ଏହା ପରେ ସାରା ଦେଶରେ କୋଭିଡ୍ ସଂକ୍ରମଣକୁ ରୋକିବା ନେଇ ଜାରି ହେଲା ଲକଡାଉନ୍ ନିୟମାବଳୀ । ଏଣୁ ରଥଯାତ୍ରାକୁ ଦୃଷ୍ଟିରେ ରଖି ପରଂପରା ଅନୁଯାୟୀ ସରକାରୀ ନିୟମକୁ ଅନୁପାଳନ ପୂର୍ବକ ରାମନବମୀ ତିଥିରେ କଟକ ସ୍ଥିତ ଖପୁରିଆ କରତ କଳରେ ରଥ କାଠ ଚିରଟ ଅନୁକୂଳ ହେଲା ।



ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ସୋପାନ ଥିଲା ଅକ୍ଷୟତୃତୀୟା ନୀତି ଏବଂ ଚନ୍ଦନ ଯାତ୍ରା । କୋଭିଡ୍ ଲକଡାଉନ୍ ନିୟମ ଅନୁସାରେ କୌଣସି ଧାର୍ମିକ କାର୍ଯ୍ୟ ବା ସମାଗମ ନିଷେଧ ରହିଥିଲା । ତେଣୁ ସବୁବର୍ଷ ମନ୍ଦିର ବାହାରେ ଅନୁଷ୍ଠିତ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ପାଦନ ନେଇ ସୃଷ୍ଟି ହୋଇଥିଲା ଦ୍ୱନ୍ଦ୍ୱ । ଏହି ପରିପ୍ରେକ୍ଷିରେ ଏପ୍ରିଲ୍ ୨୪ ତାରିଖ ଦିନ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଭିଡ଼ିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଥିଲା । ନୀତି ସମ୍ପାଦନ ଧାର୍ମିକ କାର୍ଯ୍ୟ ହୋଇଥିବାରୁ ଏନେଇ ଶ୍ରୀମଦ୍ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କ ପରାମର୍ଶ ନେବା ପାଇଁ କମିଟି ନିଷ୍ପତ୍ତିରେ ପହଞ୍ଚିଥିଲେ । ସେହିଦିନ ସନ୍ଧ୍ୟାରେ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠସ୍ଥ ଆଶ୍ରମରେ ପରିଚାଳନା କମିଟି ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସେବାରେ ଥିବା ବରିଷ୍ଠ ସେବକମାନେ ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ମାର୍ଗଦର୍ଶନ କାମନା କରିଥିଲେ । ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଅନୁସାରେ, ଚନ୍ଦନ ଯାତ୍ରା ଏବଂ ଅକ୍ଷୟତୃତୀୟା ନୀତି ଶ୍ରୀମନ୍ଦିର ପରିସରରେ ଅନୁଷ୍ଠିତ ହେବା ପାଇଁ ବ୍ୟବସ୍ଥା କରାଗଲା । ଚନ୍ଦନ ଯାତ୍ରା ପାଇଁ ବିକଳ୍ପ ଭାବେ କୁଣ୍ଡ ପ୍ରସ୍ତୁତ ହୋଇ ନୀତି ସମ୍ପାଦିତ ହୋଇଥିଲା । ସେହିପରି ତିନି ରଥ ପାଇଁ ତିନୋଟି କାଠ ମନ୍ଦିର ପରିସରକୁ ନିଆଯାଇ ସ୍ନାନ ମଣ୍ଡପ ନିକଟରେ ଆଜ୍ଞାମାଳ ବିଜେ ପୂର୍ବକ ଅକ୍ଷୟ ତୃତୀୟା ନୀତି ଅନୁଷ୍ଠିତ ହୋଇଥିଲା । ଯାହା ଶ୍ରୀମନ୍ଦିର ଇତିହାସରେ ପ୍ରଥମ ଥିଲା । ରଥ କାମ ଆରମ୍ଭ ପାଇଁ ଆଜ୍ଞାମାଳ ବିଜେ ହୋଇଥିଲେ ମଧ୍ୟ ପ୍ରକୃତ କାମ ଆରମ୍ଭ ହୋଇ ପାରି ନଥିଲା । ଅପେକ୍ଷା ଥିଲା ପରିବର୍ତ୍ତିତ ଲକଡାଉନ୍ ଗାଇଡ୍‌ଲାଇନକୁ । କିନ୍ତୁ ଗାଇଡଲାଇନରେ ବିଶେଷ ପରିବର୍ତ୍ତନ ନହେବା ପରେ ମେ ୪ ତାରିଖରେ ପରିଚାଳନା କମିଟିର ପୁଣି ଥରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଥିଲା । ରଥ ନିର୍ମାଣ ଏକ ଧାର୍ମିକ ସମାଗମ ଜନିତ କାର୍ଯ୍ୟ ନୁହେଁ, ବରଂ ଏକ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ଅନୁମତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲେ । ଏନେଇ ବିଧିବଦ୍ଧ ଭାବେ ରାଜ୍ୟ ସରକାରଙ୍କୁ ଅବଗତ କରାଗଲା । ଏହାପରେ ମେ ୮ ତାରିଖରେ ରଥ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ସର୍ତ୍ତମୂଳକ ଅନୁମତି ସହ ରାଜ୍ୟ ସରକାର ଅନୁମତି ପ୍ରଦାନ କଲେ । କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ ପାଇଁ ଏଥିରେ ଉଲ୍ଲେଖ ରହିଥିଲା ।

ଅନୁମତି ମିଳିବା ପରେ ମେ ୮ ତାରିଖରୁ ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ । ରଥଖଳାକୁ ଚାରିପଟୁ କପଡ଼ା ଦ୍ୱାରା ଆବଦ୍ଧ କରାଯିବା, ନିର୍ମାଣ ସମୟରେ ସମସ୍ତ ନିୟୋଜିତ ସେବାୟତ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ଅବଲମ୍ବନ କରିବା, ରଥଖଳାକୁ ପ୍ରବେଶ ପୂର୍ବରୁ ସ୍ୱାସ୍ଥ୍ୟ ଯାଂଚ, କୋଭିଡ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ବ୍ୟବସ୍ଥା କରାଯାଇଥିଲା । ସେହିପରି ରଥଖଳାରେ ନିୟୋଜିତ ମହାରଣା, ଭୋଇ, ରୂପକାର ସେବକମାନଙ୍କ କୋଭିଡ୍ ପରୀକ୍ଷା କରାଯିବା ସହ ସଙ୍ଗରୋଧରେ ରହିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଥିଲା । ପ୍ରାୟ ୨ ଶହରୁ ଅଧିକ ରଥ ନିର୍ମାଣ ସେବାୟତ ଦୀର୍ଘ ଦେଢ଼ ମାସରୁ ଅଧିକ ସମୟ ପରିବାର ଠାରୁ ଦୂରରେ ରହି ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଥିଲେ । ଧାର୍ଯ୍ୟ ସମୟରୁ ୧୨ ଦିନ ବିଳମ୍ବରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୁରୁତ୍ୱପୂର୍ଣ୍ଣ ଥିଲା ମେ ୧୫ ତାରିଖରେ ପଡୁଥିବା ରଥ ନିର୍ମାଣର ପ୍ରଥମ ସୋପାନ ଭଉଁରୀ ତିଥିରେ ଚକ-ଅଖ ଲାଗି ହେବା ସହ ଚକଡେରା କାର୍ଯ୍ୟ । ହାତରେ କମ୍ ସମୟ ଥିବାରୁ ରାତିଦିନ ଏକ କରି ଦେଇଥିଲେ ନିର୍ମାଣ ସେବକମାନେ, ଯଦ୍ୱାରା କି ଧାର୍ଯ୍ୟ ଦିବସରେ ହିଁ ସମ୍ପାଦିତ ହୋଇଥିଲା ଭଉଁରୀ ନୀତି ।

ଗୋଟିଏ ପଟେ କଡ଼ା କଟକଣାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିଲା । ଅପର ପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ସ୍ନାନ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା । ମେ ୧୨ ତାରିଖରୁ ପର୍ଯ୍ୟାୟ କ୍ରମେ ସେବାୟତ ନିଯୋଗଗୁଡ଼ିକୁ କୋଭିଡ୍ ସମ୍ପର୍କରେ ସଚେତନ କରିବା ସହ ନୀତି ସମ୍ପାଦନ ନେଇ ପର୍ଯ୍ୟାୟ ଅନୁସାରେ ଆଲୋଚନା ଆରମ୍ଭ ହୋଇଥିଲା । କୋଭିଡ୍ ମହାମାରୀରୁ ନିଜକୁ ଦୂରେଇ ରଖିବା ସହ ପରିବାରକୁ ସଚେତନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏହାକୁ ସେବାୟତମାନେ ମଧ୍ୟ ଗୁରୁତ୍ୱର ସହ ନେଇ ମହାପ୍ରଭୁଙ୍କ ନୀତି ସମ୍ପାଦନ କରିଥିଲେ । ସେହିପରି ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ସେବାୟତମାନଙ୍କ ପାଇଁ ମେ ୧୫ ରୁ କୋଭିଡ୍ ସଚେତନତା ଶିବିର ମଧ୍ୟ ଆୟୋଜିତ ହୋଇଥିଲା ।

ଏସବୁ ଭିତରେ ପୁର୍ନବାର ମେ ୨୧ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ । ଏଥିରେ ସମସ୍ତ

(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)

ପ୍ରମୁଖ ନିଯୋଗ ପ୍ରତିନିଧି ଯୋଗ ଦେଇ ସ୍ନାନଯାତ୍ରାରେ ସର୍ବନିମ୍ନ ସେବାୟତଙ୍କ ସମ୍ପୃକ୍ତି ସପକ୍ଷରେ ମତ ରଖିଥିଲେ । ଏହାରି ଆଧାରରେ ଖସଡ଼ା ପ୍ରସ୍ତୁତ ହୋଇଥିଲା । ପରେ ମେ ୨୭ ତାରିଖରେ ଅନୁଷ୍ଠିତ ଛତିଶାନିଯୋଗ ବୈଠକ ଏହାକୁ ମୋହର ମାରିବା ସହ ସ୍ନାନାଯାତ୍ରା ନୀତି ନିର୍ଘଣ୍ଟ ସ୍ଥିର କରିଥିଲେ । ସ୍ନାନ ଯାତ୍ରାରେ ନିୟୋଜିତ ହେବାକୁ ଥିବା ସେବକମାନଙ୍କ କୋଭିଡ଼ ସ୍ୱାବ ପରୀକ୍ଷା ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବ୍ୟବସ୍ଥା ହୋଇଥିଲା । ପରୀକ୍ଷା ପରେ ସମସ୍ତ ସେବକମାନେ ଗୃହ ସଙ୍ଗରୋଧରେ ରହିଥିଲେ । ରିପୋର୍ଟ ନେଗେଟିଭ୍ ଆସିଥିବା ସେବକମାନଙ୍କୁ ହିଁ କେବଳ ସ୍ନାନଯାତ୍ରାରେ ନୀତି ସମ୍ପାଦନ ପାଇଁ ଅନୁମତି ଦିଆଯାଇଥିଲା । ଗୋଟିଏ ପଟେ ସ୍ନାନଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ଅନ୍ୟପକ୍ଷରେ ରଥଯାତ୍ରା ସମ୍ପର୍କରେ ଆଲୋଚନା ପାଇଁ ମେ ୩୦ ତାରିଖରେ ଅନୁଷ୍ଠିତ ହୋଇଥିଲା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ । ଅନେକ ଦୃଷ୍ଟିକୋଣରୁ ଭିଡ଼ିଓ କନଫରେନସିଂରେ ଅନୁଷ୍ଠିତ ଏହି ବୈଠକ ଏକ ଐତିହାସିକ ଥିଲା । କାରଣ କୋଭିଡ୍ କଟକଣା ଭିତରେ ରଥଯାତ୍ରା କରିବା ପାଇଁ ବିଧିବଦ୍ଧ ଭାବେ ଏହି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । ବିନା ଭକ୍ତରେ ପୁରୀକୁ ସିଲ୍ କରି ରଥଯାତ୍ରା କରିବା ସହ କୋଭିଡ୍ ପରୀକ୍ଷାରେ ନେଗେଟିଭ୍ ଥିବା ସେବାୟତଙ୍କୁ ନେଇ ରଥଟଣା ସମ୍ପର୍କରେ କମିଟି ପ୍ରସ୍ତାବ ରଖିଥିଲେ । ପରିଚାଳନା କମିଟିର ଏସବୁ ପ୍ରସ୍ତାବ ସମ୍ପର୍କରେ ବିଧିବଦ୍ଧ ଭାବେ ମୁଖ୍ୟ ପ୍ରଶାସକ ରାଜ୍ୟ ସରକାରଙ୍କୁ ଚିଠି ଜରିଆରେ ଅବଗତ କରାଇଥିଲେ ।



ଚଳିତ ବର୍ଷର ସ୍ନାନଯାତ୍ରା ଐତିହାସିକ ଥିଲା । ଭକ୍ତଙ୍କ ଅନୁପସ୍ଥିତିରେ ମହାପ୍ରଭୁ ଓହ୍ଲାଇଥିଲେ ସ୍ନାନବେଦୀକୁ । ଜୁନ୍ ୫ ତାରିଖରେ ସ୍ନାନଯାତ୍ରା ପାଇଁ ଶ୍ରୀମନ୍ଦିର ଚାରିପଟକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା । ଭକ୍ତଙ୍କ ଦର୍ଶନ ଲାଗି ସିଧାପ୍ରସାରଣର ବ୍ୟବସ୍ଥା କରିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅନୁରୋଧ କରିଥିଲେ । ଯାହାଫଳରେ ଦୂରଦର୍ଶନ ପକ୍ଷରୁ ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଥିଲା । କୋଭିଡ଼ କଟକଣା ଯୋଗୁଁ ଶ୍ରୀମନ୍ଦିର ପ୍ରବେଶ ମନା ହେବା ଠାରୁ ଦୀର୍ଘ ଅଢ଼େଇ ମାସ ପରେ ଟିଭି ଜରିଆରେ କୋଟି କୋଟି ଭକ୍ତ ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପରେ ଦର୍ଶନ କରିଥିଲେ । ସ୍ନାନଯାତ୍ରା ସମୟରେ ବିଶେଷ କରି ପୁରୀ ବାସୀ ଅସୀମ ଧୈର୍ଯ୍ୟ ଦେଖାଇଥିଲେ । କୋଭିଡ୍ ନିୟମାବଳୀ ପାଳନ ସହିତ ସ୍ନାନଯାତ୍ରା ପାଇଁ ନିର୍ଦ୍ଧାରିତ ସମୟରେ ନୀତି ସମ୍ପାଦନ ହୋଇଥିଲା । ସ୍ନାନବେଦୀରେ ହାତୀବେଶରେ ଦର୍ଶନ ଦେବା ପରେ ଶ୍ରୀବିଗ୍ରହମାନେ ସନ୍ଧ୍ୟାରେ ବାହୁଡ଼ିଥିଲେ ଅଣସର ଘରକୁ । ମହାପ୍ରଭୁଙ୍କ ଅଣସର ନୀତି ମଧ୍ୟ ଏ ବର୍ଷ ଇତିହାସ ସୃଷ୍ଟି କରିଛି । ଅନେକଙ୍କ ମତରେ ଶତାଧିକ ବର୍ଷ ଭିତରେ ପ୍ରଥମ ଥର ଲାଗି ୧୫ ଦିନ ଅଣସର ବିଧି ପାଳନ ହୋଇଥିଲା । ସ୍ନାନଯାତ୍ରା ସମ୍ପନ୍ନ ପରେ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ରଥ ନିର୍ମାଣ କାର୍ଯ୍ୟ ମଧ୍ୟ ପୁରା ଜୋରରେ ଆଗେଇ ଚାଲିଥିଲା । ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ରଥ ନିର୍ମାଣ ସେବକ । ସେହିପରି ଭାବେ କୋଭିଡ଼୍ ପରିସ୍ଥିତିକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ କୋଭିଡ୍ ସଚେତନତା ସମ୍ବନ୍ଧରେ ବ୍ୟାପକ କରାଯାଇଥିଲା । ସେବାୟତଙ୍କ ମଧ୍ୟରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହୋମିଓପାଥି ଔଷଧ ବଣ୍ଟନ କରାଯାଇଥିଲା ।

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଜୁନ୍ ୧୮ ତାରିଖରେ ମାନ୍ୟବର ସୁପ୍ରିମ୍‌କୋର୍ଟ ରଥଯାତ୍ରା ସମ୍ପର୍କିତ ଏକ ମାମଲାରେ ରାୟ ପ୍ରକାଶ କଲେ । କୋଭିଡ୍ ପରିସ୍ଥିତି ଯୋଗୁଁ ପୁରୀ କିମ୍ବା କୌଣସି ସ୍ଥାନରେ ଏବର୍ଷ ରଥଯାତ୍ରା ହୋଇପାରିବ ନାହିଁ ବୋଲି ମାନ୍ୟବର ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଲେ । ଏହା ପରେ ଜୁନ୍ ୧୯ ତାରିଖ ଦିନ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ବସିଲା । ସେହି ଦିନ ସନ୍ଧ୍ୟାରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଛତିଶାନିଯୋଗର ମିଳିତ ବୈଠକ ବସିଲା । ରଥଯାତ୍ରାର କୌଣସି ବିକଳ୍ପ ନୀତି ନ ଥିବା ନେଇ ସମସ୍ତେ ମତ ରଖିଥିଲେ । ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ବିଧିବଦ୍ଧ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ପୁନର୍ବିଚାର ସପକ୍ଷରେ ପଦକ୍ଷେପ ନେବା ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଗଲା । ରଥଯାତ୍ରାର ଠିକ୍ ପୂର୍ବଦିନ ଜୁନ୍ ୨୨ ତାରିଖ ଅପରାହ୍ଣରେ ମାନ୍ୟବର ସୁପ୍ରିମ୍‌କୋର୍ଟ ପୂର୍ବର (୧୮ଜୁନର) ରାୟରେ ପରିବର୍ତ୍ତନ କରିବାସହ କେବଳ ପୁରୀରେ କୋଭିଡ୍ ନିୟମାବଳୀକୁ ଦୃଷ୍ଟିରେ ରଖି କେତେକ ସର୍ତ୍ତାବଳୀ ସହ ରଥଯାତ୍ରା କରିବା ପାଇଁ ଅନୁମତି ଦେଲେ । ରଥଯାତ୍ରା ପାଇଁ ଅନୁମତି ମିଳିବା ପରେ ହାତରେ ମାତ୍ର ଗୋଟିଏ ରାତି ଥିଲା । ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଜିଲ୍ଲା ପ୍ରଶାସନ, ପୁଲିସ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟରେ ଲାଗି ଯାଇଥିଲେ । ରଥଯାତ୍ରାରେ ନିୟୋଜିତ ହେବାକୁ ଥିବା ସେବାୟତଙ୍କ କୋଭିଡ଼ ପରୀକ୍ଷା କରାଯିବା ସହ ମାସ୍କ ବଣ୍ଟନ କରାଯାଇଥିଲା । ଜୁନ୍ ୨୩ ତାରିଖରେ ଅନୁଷ୍ଠିତ ହୋଇଥିଲା ୨୦୨୦ ବର୍ଷର ଐତିହାସିକ ରଥଯାତ୍ରା । ବିନା ଭକ୍ତରେ ହୋଇଥିଲା ରଥଯାତ୍ରା । ସକାଳୁ ସମସ୍ତ ନୀତି ଯଥା ସମୟରେ ସମ୍ପାଦିତ ହୋଇଥିଲା । ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ହୋଇ ରଥାରୂଢ଼ ହୋଇଥିଲେ । ଗଜପତି ମହାରାଜ ଛେରାପହଁରା କରିଥିବା ବେଳେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମଧ୍ୟ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଏହାପରେ କଡ଼ା କଟକଣା ଭିତରେ ଆରମ୍ଭ ହୋଇଥିଲା ରଥଟଣା । ଦିବା ଘ.୧୧.୫୫ମି. ରୁ ତାଳଧ୍ୱଜ ରଥ, ଅପରାହ୍ଣ ଘ.୧୨.୫୫ମି. ଦର୍ପଦଳନ ରଥ ଏବଂ ଘ.୧.୫୫ମି.ରେ ନନ୍ଦିଘୋଷ କେବଳ ସେବାୟତମାନେ ରଥ ଟାଣି ଥିଲେ । ଅସହ୍ୟ ଖରାରେ ବି ଖାଲି ପାଦରେ ତିନି ରଥକୁ ଟାଣିଥିଲେ ସେବାୟତ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରଥ ଉପରେ ମଧ୍ୟ ଅଳ୍ପ ସଂଖ୍ୟକ ସେବକ ରହିଥିଲେ । ସନ୍ଧ୍ୟା ପୂର୍ବରୁ ତିନି ରଥ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଲାଗିଥିଲା । ରଥଯାତ୍ରାରେ କୌଣସି ଭକ୍ତଙ୍କ ଉପସ୍ଥିତି ନଥିଲା । ସମଗ୍ର ପୁରୀ ଜିଲ୍ଲାକୁ ସଟ୍ ଡାଉନ୍ ଘୋଷଣା କରାଯାଇଥିବା ବେଳେ ବଡ଼ଦାଣ୍ଡକୁ ବାହାରିଥିବା ସମସ୍ତଙ୍କ ରାସ୍ତାକୁ ସିଲ୍ କରାଯାଇଥିଲା । ପୁରୀବାସୀ ମଧ୍ୟ ଅସୀମ ସଂଯମତା ପ୍ରଦର୍ଶନ କରିଥିଲେ । ଭକ୍ତଙ୍କ ଦର୍ଶନ ପାଇଁ ସ୍ନାନଯାତ୍ରା ଭଳି ରଥଯାତ୍ରାରେ ମଧ୍ୟ ସିଧା ପ୍ରସାରଣର ବ୍ୟବସ୍ଥା କରିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଅନୁରୋଧ କରାଯାଇଥିଲା । ଦୂରଦର୍ଶନ ପକ୍ଷରୁ ରଥ ଯାତ୍ରାର ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା । ପରଦିନ ଜୁନ୍ ୨୪ ତାରିଖରେ ଶ୍ରୀବିଗ୍ରହମାନେ ଆଡ଼ପମଣ୍ଡପକୁ ବିଜେ କରିଥିଲେ ।

ଶ୍ରୀଗୁଣ୍ଡିଚା ଯାତ୍ରା ପରେ ଆଡ଼ପ ମଣ୍ଡପରେ ବିରାଜି ଥିଲେ ମହାପ୍ରଭୁ । ତେବେ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଏଥର ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶକୁ ମଧ୍ୟ ନିଷେଧ କରାଯାଇଥିଲା । ଏହାରି ଭିତରେ ରଥଯାତ୍ରାରେ ନିୟୋଜିତ ସମସ୍ତ ସେବାୟତ ଓ କର୍ମଚାରୀଙ୍କ ପୁଣିଥରେ ଜୁନ୍ ୨୫ ରୁ ୩୦ ତାରିଖ ଯାଏଁ କୋଭିଡ୍ ପରୀକ୍ଷା କରାଯାଇଥିଲା । ଜୁନ୍ ୨୭ରେ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଥିବା ବେଳେ ଜୁନ୍ ୨୮ରେ ଦକ୍ଷିଣ ମୋଡ଼ ହୋଇ ତିନି ରଥ ଶରଧାବାଲିରେ ଲାଗିଥିଲା । ଛତିଶାନିଯୋଗର ବୈଠକ ବସି ବାହୁଡ଼ା ଯାତ୍ରା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ଜୁଲାଇ ୧ ତାରିଖରେ ବାହୁଡ଼ା ଯାତ୍ରା ନୀତିକାନ୍ତି ମଧ୍ୟ ଯଥା ସମୟରେ ସମ୍ପାଦିତ ହୋଇଥିଲା । ସେବାୟତମାନେ ପୁଣିଥରେ ଖାଲି ପାଦରେ ତିନି ରଥକୁ ଟାଣିଥିଲେ । ରଥଯାତ୍ରା ଦିନ ପରି ଘଣ୍ଟାଏ ବ୍ୟବଧାନରେ ତିନି ରଥ ଟଣା ହୋଇଥିଲା । ବିନା ଭକ୍ତରେ କେବଳ ସେବକ ଏବଂ ଦାୟିତ୍ୱରେ ନିୟୋଜିତ ପୁଲିସ୍ ତଥା ପ୍ରଶାସନିକ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା । ପୁଣିଥରେ ଭକ୍ତମାନେ ଦେଖାଇଥିଲେ ଧୈର୍ଯ୍ୟ ଏବଂ ଆସ୍ଥା । ବଡ଼ଦାଣ୍ଡ କିମ୍ବା ପୁରୀ ନ ଆସି ଟିଭି ପରଦାରେ ମହାପ୍ରଭୁଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ ଭକ୍ତଗଣ । ନନ୍ଦିଘୋଷ ଶ୍ରୀନଅର ସାମ୍ନାରେ ପହଞ୍ଚିବା ପରେ ଲକ୍ଷ୍ମୀନାରାୟଣ ଭେଟ ନୀତି ଅନୁଷ୍ଠିତ ହୋଇଥିଲା । ପରେ ରେକର୍ଡ଼ ସମୟରେ ଶ୍ରୀମନ୍ଦିର ସାମ୍ନାରେ ଲାଗିଥିଲା ତିନି ରଥ । ପରଦିନ ମହାପ୍ରଭୁଙ୍କ ସୁନାବେଶ ମଧ୍ୟ ବିନା ଭକ୍ତରେ ଅନୁଷ୍ଠିତ ହୋଇଥିଲା । ଅଧରପଣା ନୀତି ମଧ୍ୟ ଯଥାରୀତି ଅନୁଷ୍ଠିତ ହୋଇଥିଲା । ଜୁଲାଇ ୪ ତାରିଖ ଦିନ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ସହ ଏବର୍ଷର ରଥଯାତ୍ରାର ନୀତି ସମ୍ପାଦିତ ହୋଇଥିଲା । କୋଭିଡ୍ କଟକଣା ଭିତରେ ବିନା ଭକ୍ତରେ ନବଦିନାତ୍ମକ ଯାତ୍ରା ସାରି ରତ୍ନବେଦୀକୁ ବାହୁଡ଼ିଥିଲେ ମହାବାହୁ । ପୁନର୍ବାର ରଥଯାତ୍ରାରେ ସଂଶ୍ଳିଷ୍ଟ ସମସ୍ତଙ୍କର କୋଭିଡ୍ ପରୀକ୍ଷା ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ସେବାୟତଙ୍କୁ ହୋମିଓପାଥି ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା । ଜୁଲାଇ ୭ ତାରିଖରେ ପରିଚାଳନା କମିଟି ଏବଂ ଛତିଶାନିଯୋଗର ମିଳିତ ବୈଠକ ଅନୁଷ୍ଠିତ ହେବା ସହ ରଥଯାତ୍ରାର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଥିଲା ।

ଚଳିତ ବର୍ଷର ଏହି ଐତିହାସିକ ରଥଯାତ୍ରାଟି ବିନାଭକ୍ତରେ ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହୋଇପାରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ସମସ୍ତ ସେବାୟତ, ପୁରୀବାସିନ୍ଦା, ରାଜ୍ୟ ତଥା ଦେଶର ଭକ୍ତ ସମାଜ, କେନ୍ଦ୍ର ଏବଂ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଏବଂ ଗଣମାଧ୍ୟମକୁ ଧନ୍ୟବାଦ ଓ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଫଟୋରେ ଖବର...



ତା. ୧୫.୩.୨୦ରେ କୋଭିଡ୍-୧୯ କଟକଣା ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଛତିଶା ନିଯୋଗ ବୈଠକ ।



ତା. ୨୦.୩.୨୦ରେ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ପ୍ରକାରେ କୋଭିଡ୍-୧୯ ଯୋଗୁଁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ନିଷେଧ କରାଯାଇଛି ।



ତା. ୨.୪.୨୦ରିଖରେ ଶ୍ରୀରାମ ନବମୀ ଅବସରରେ କଟକର ଖପୁରିଆସ୍ଥିତ କରତ କଳ ଠାରେ 'ରଥ କାଠ ଚିରଟ'ର ଅନୁକୂଳ କରାଯାଉଛି ।



ତା. ୨୪.୪.୨୦ରେ ଗୋବର୍ଦ୍ଧନ ପୀଠ ଠାରେ ପରିଚ୍ଛଳନା କମିଟି ସଦସ୍ୟ ଏବଂ ବରିଷ୍ଠ ସେବାୟତମାନେ ଅକ୍ଷୟ ତୃତୀୟା ନୀତି ସମ୍ପର୍କେ ଜଗତ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ମାର୍ଗଦର୍ଶନ କାମନା କରୁଛନ୍ତି ।



ତା. ୮.୫.୨୦ରେ ରଥ ଖଳା ଠାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଛି ।



ତା. ୧୫.୫.୨୦ରେ ଭଉଁରୀ ଅବସରରେ 'ଚକ ଅଖ ଲାଗି' ନିମନ୍ତେ ଆଜ୍ଞାମାଳ ବିଜେ ।

# ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି










# ରଥଯାତ୍ରା ତା.- ୨୩.୬.୨୦୨୦



ରଥାରୂଢ଼ ଶ୍ରୀବିଗ୍ରହ




ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି ।



ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ରଥାରୂଢ଼ ବିଗ୍ରହମାନଙ୍କର ଛେରାପହଁରା ନିମନ୍ତେ ତାମଜାନ୍‌ରେ ବିଜେ କରୁଛନ୍ତି ।



ରଥଯାତ୍ରାରେ ନିୟୋଜିତ ହେବା ପୂର୍ବରୁ ସେବାୟତମାନଙ୍କ ଥର୍ମାଲ୍ ସ୍କାନିଂ କରାଯାଉଛି ।



କୋଭିଡ୍ ନିୟମ ପ୍ରକାରେ ବିନା ଭକ୍ତରେ କେବଳ ସେବକମାନେ ଶ୍ରୀବିଗ୍ରହମାନଙ୍କ ରଥ ଟାଣୁଛନ୍ତି ।



ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ

# ଫଟୋରେ ଖବର



ତା. ୧.୭.୨୦ରେ ବାହୁଡ଼ା ଯାତ୍ରାରେ ରଥଟଣା ନିମନ୍ତେ ତାଳଧ୍ୱଜ ରଥରୁ ଘରମାଳ ଫିଟା ଯାଉଛି ।



ତା. ୧.୭.୨୦ରେ ବାହୁଡ଼ା ଯାତ୍ରା ଅବସରରେ ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିରାଜମାନ ।



ତା. ୧.୭.୨୦ରେ ବାହୁଡ଼ା ଅବସରରେ ନନ୍ଦିଘୋଷ ରଥକୁ ସେବକମାନେ ସିଂହଦ୍ୱାର ନିକଟକୁ ଟାଣି ନେଉଛନ୍ତି ।



ତା. ୨.୭.୨୦ରେ ସିଂହଦ୍ୱାର ସମ୍ମୁଖରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ।

# ଫଟୋରେ ଖବର



ତା. ୩.୭.୨୦ରେ ରଥରେ ଶ୍ରୀବିଗ୍ରହମାନଙ୍କ ଅଧରପଣା ନୀତି ସମ୍ପାଦିତ ହେଉଛି ।



ତା. ୪.୭.୨୦ରେ ନୀଳାଦ୍ରି ବିଜେ ଅବସରରେ
ମହାପ୍ରଭୁଙ୍କୁ ରସଗୋଲା ସମର୍ପଣ କରାଯାଉଛି ।



ତା. ୪.୭.୨୦ରେ ନୀଳାଦ୍ରି ବିଜେ ଅବସରରେ
ଛାହାଁଣୀ ମଣ୍ଡପରେ ମା' ଲକ୍ଷ୍ମୀ ଠାକୁରାଣୀ ।



ତା. ୪.୭.୨୦ରେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ବାହୁଡ଼ା ଯାତ୍ରା:

ଚଳିତ ବର୍ଷ ଶ୍ରୀବିଗ୍ରହମାନଙ୍କର ବାହୁଡ଼ା ଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରା ତା. ୧.୭.୨୦ ରିଖ ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା । ପୂର୍ବ ପ୍ରସ୍ତୁତି ଶେଷ ହେବା ପରେ ଏହି ଦିନ ପ୍ରାତଃ ଘ.୩.୫୦ମି. ସମୟରେ ଶ୍ରୀବିଗ୍ରହମାନଙ୍କର ମଙ୍ଗଳା ଆଳତି ବଢ଼ିବା ପରେ ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବେଶ ଶେଷ ହେବା ପରେ ଗୋପାଳବଲ୍ଲଭ ଓ ସକାଳଧୂପ (ଖେଚୁଡ଼ି ଭୋଗ) ସରିଥିଲା । ସକାଳ ଘ.୭.୫ମି. ସମୟରେ ମଙ୍ଗଳାର୍ପଣ ହୋଇ ଘ. ୭.୨୦ମି. ସମୟରେ ବାହୁଡ଼ା ପହଣ୍ଡି ବିଜେ ଆରମ୍ଭ



ହୋଇଥିଲା । ଧାଡ଼ି ପହଣ୍ଡିରେ କ୍ରମାନ୍ୱୟରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀଜଗନ୍ନାଥ ପହଣ୍ଡି ବିଜେ ହୋଇ ଘ.୯.୫୫ମି. ସୁଦ୍ଧା ରଥାରୂଢ଼ ହୋଇଥିଲେ । ଏହାପରେ ରାମକୃଷ୍ଣ ଓ ମଦନମୋହନ ରଥ ଉପରକୁ ବିଜେ କଲାପରେ ବେଶ ଶେଷ ହୋଇଥିଲା ଓ ଛେରାପହଁରା ନିମନ୍ତେ ଗଜପତି ମହାରାଜା ଶ୍ରୀନଅରରୁ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ । ୩ ରଥରେ ଛେରାପହଁରା ଶେଷ କରି ଗଜପତି ମହାରାଜା ଶ୍ରୀନଅରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଇତ୍ୟବସରରେ ୩ ରଥର ଚାର ଫିଟାଯାଇ ଘୋଡ଼ା ଲାଗିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଶ୍ରୀବଳଭଦ୍ରଙ୍କର ତାଳଧ୍ୱଜ ରଥ ଦିବା ଘ.୧୧.୨୫ମି.ରେ ଏବଂ ଶ୍ରୀସୁଭଦ୍ରାଙ୍କର ଦର୍ପଦଳନ ରଥ ଘ.୧୨.୨୫.ମି.ରେ ଏବଂ ନନ୍ଦିଘୋଷ ରଥ ଘ.୧.୨୫ମି.ରେ ଟଣା ଯାଇଥିଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନଅର ନିକଟରେ ପହଞ୍ଚିବା ପରେ ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରରୁ ବିଜେ ହୋଇ ରଥ ନିକଟକୁ ଆସିବା ପରେ ଏଠାରେ ଲକ୍ଷ୍ମୀନାରାୟଣ ଭେଟ ନୀତି ହୋଇ ନନ୍ଦିଘୋଷ ରଥ ଅପରାହ୍ଣ ଘ.୪.୪୦ମି. ରେ ସିଂହଦ୍ୱାର ଠାରେ ଲାଗିଥିଲା ଏବଂ ରଥ ଉପରେ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ରଥ ଉପରେ ସୁନାବେଶ :

ବାହୁଡ଼ା ଯାତ୍ରା ପରଦିନ ତା. ୨.୭.୨୦ ରିଖ ଗୁରୁବାର ଦିନ ରଥ ଉପରେ ଶ୍ରୀବିଗ୍ରହମାନଙ୍କର ବଡ଼ ତଡ଼ାଉ ବେଶ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା । ରଥ ଉପରେ ମଧ୍ୟାହ୍ନ ଧୂପ ନୀତି ହେବା ପରେ ମେକାପ ସର୍ବାଙ୍ଗ ହୋଇ ସୁନାବେଶ ସାମଗ୍ରୀମାନ ରଥ ଉପରକୁ ଅଣାଯାଇଥିଲା । ସନ୍ଧ୍ୟା ଘ.୫.୫୦ମି. ସମୟରେ ବେଶ ଶେଷ ହୋଇଥିଲା ।

## ରଥ ଉପରେ ଅଧରପଣା ନୀତି :

ତା. ୩.୭.୨୦ ରିଖ ଶୁକ୍ରବାର ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ଅଧରପଣା ପାଇଁ ପ୍ରସ୍ତୁତ ଆରମ୍ଭ ହୋଇଥିଲା । ପ୍ରଥମେ ସିଂହଦ୍ୱାରସ୍ଥ କୂପରୁ ପାଣିଆପଟ ପାଣିଆଣି ରଥ ଉପରେ ରଖିଥିଲେ । ଏହାପରେ ବଡ଼ବାଡ଼ ଅଧର ସମ୍ମୁଖରେ ଭିତରଛ, ମହାପ୍ରଭୁଙ୍କ ବାଡ଼ରେ ତଳିଛ ଏବଂ ମଝିବାଡ଼ରେ ପାଳିଆ ପୁଷ୍ପାଳକ ତିନିଖଣ୍ଡ ନୂଆ ବସ୍ତ୍ର ଧରିଥିଲେ । ଅଧରକୁ ଛୁଉଁଥିବା ହାଣ୍ଡିମାନ ଆସି ରଖାଯିବା ପରେ ପାଳିଆ ମହାସୁଆର ଦ୍ରବ୍ୟମାନ ନେଇ ଅଧରପଣା ପ୍ରସ୍ତୁତ କରିଥିଲେ । ଏହାକୁ ରାଘବଦାସ ମଠ, ଓଡ଼ିଆମଠ ଏବଂ ଷ୍ଟେଟ ଯୋଗାଇଥିଲେ । କ୍ଷୀର, ଛେନା, ସାକର ପ୍ରଭୃତି ଦ୍ରବ୍ୟମାନଙ୍କ ଦ୍ୱାରା ଅଧରପଣା ପ୍ରସ୍ତୁତ ହୋଇଥିଲା । ତିନି ରଥର ପାଳିଆ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ଭୋଗ ସରିଲା ପରେ ଉକ୍ତ ହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା । ପରେ ପାଣିପଡ଼ି ମୈଲମ ବଢ଼ି ମହାସ୍ନାନ ହୋଇଥିଲା । ମହାସ୍ନାନ ବଢ଼ିଲା ପରେ ମୈଲମ, ବେଶ ହୋଇ ସନ୍ଧ୍ୟାଆଳତି ବଢ଼ି ଅନ୍ୟାନ୍ୟ ନୀତିମାନ ସମାପନ ହୋଇଥିଲା ।

## ନୀଳାଦ୍ରି ବିଜେ ନୀତି :

ତା. ୪.୦୭.୨୦ ରିଖ ଶନିବାର ଦିନ ନୀଳାଦ୍ରି ବିଜେ ଅବସରରେ ଦୈନନ୍ଦିନ ନୀତି ପରି ମଙ୍ଗଳା ଆଳତି ଠାରୁ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ସମାପନ ହୋଇଥିଲା । ସନ୍ଧ୍ୟାଧୂପ ସରିଲା ପରେ ଚାରବନ୍ଧା ସମାପନ ହୋଇଥିଲା । ପରେ ମୁଦିରସ୍ତ ପୁଷ୍ପାଞ୍ଜଳୀ, ଡୋରଲାଗି କଲାପରେ କାହାଳିଆ ବିଜେ କାହାଳୀ ବଜାଇଥିଲେ । ଏହାପରେ ଘଣ୍ଟ, ମର୍ଦ୍ଦଳ ପଟୁଆର ମଧ୍ୟରେ ପ୍ରଥମେ ରାମକୃଷ୍ଣ, ମଦନମୋହନ, ମହାଜନ ସେବକମାନଙ୍କ ଦ୍ୱାରା ବାହୁଡ଼ା ବିଜେ କରିଥିଲେ । ଏହାପରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଦେବୀ ଗୋଟି ପହଣ୍ଡିରେ ଯାଇ ସିଂହାସନରେ ଅଧିଷ୍ଠିତ ହୋଇସାରିଲା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଚାର ଉପରକୁ ଆସିଥିଲେ । ମହାପ୍ରଭୁ ଚାର ଉପରକୁ ଆସିଲାପରେ ରୋଷ ପରିସରରେ ଥିବା ଚାହାଣି ମଣ୍ଡପକୁ ମା' ଲକ୍ଷ୍ମୀ ଆସି ମହାପ୍ରଭୁଙ୍କୁ ଚାହାଣି କରିବାରେ ବନ୍ଦାପନା ନୀତି ଉଭୟ ସ୍ଥାନରେ ସମାନ୍ତରାଳ ଭାବେ ଅନୁଷ୍ଠିତ ହୋଇଥିଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପତିମାହାପାତ୍ର ଏବଂ ମହାଲକ୍ଷ୍ମୀଙ୍କ ନିକଟରେ ଭିତରଛ ମହାପାତ୍ର ଯଥାକ୍ରମେ- କର୍ପୂର ଆଳତି, ଅକ୍ଷତ ବନ୍ଦାପନା, ବଳିତା ଆଳତି, ଘସା ଜଳ ଲାଗି ପରେ ଓ ଲକ୍ଷ୍ମୀ ବାହୁଡ଼ିଯିବା ପରେ ମହାପ୍ରଭୁ ଚାର ତଳକୁ ଓହ୍ଲାଇଥିଲେ । ଜୟବିଜୟ ଦ୍ୱାରା ଠାରେ ପହଞ୍ଚିବା ପରେ ବଚନିକା ଅନୁଷ୍ଠିତ ହୋଇ ରସଗୋଲା ଭୋଗ ପରେ ମହାପ୍ରଭୁ ଭିତରକୁ ବିଜେ ହୁଅନ୍ତେ ବିବାହ ଗଇଁଠାଳ ଫିଟିବା ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନାରୂଢ଼ ହୋଇଥିଲେ । ●

## ସିଂହ ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୬.୮.୨୦ ରିଖ ରବିବାର | ସିଂହ ସଂକ୍ରାନ୍ତି ଓ ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବେଶ |
| ତା. ୧୭.୮.୨୦ ରିଖ ସୋମବାର | ଶ୍ରୀମନ୍ଦିରରେ କୃଷ୍ଣବଳରାମ ବେଶ |
| ତା. ୧୮.୮.୨୦ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ସାତପୁରୀ ତାଡ଼ ବିଜେ |
| ତା. ୧୯.୮.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା, ବସ୍ତ୍ର ହରଣ ଲୀଳା |
| ତା. ୨୦.୮.୨୦ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଦାବାଗ୍ନୀ ଲୀଳା |
| ତା. ୨୧.୮.୨୦ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଅନ୍ଧଲୀଳା ଓ ବାଲିତୃତୀୟା |
| ତା. ୨୨.୮.୨୦ ରିଖ ଶନିବାର | ଶ୍ରୀମନ୍ଦିରରେ ଶ୍ରୀଗଣେଶ ଚତୁର୍ଥୀ |
| ତା. ୨୩.୮.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ଋଷି ପଞ୍ଚମୀ, ଦାହଲୀଳା |
| ତା. ୨୪.୮.୨୦ ରିଖ ସୋମବାର | ଶ୍ରୀମନ୍ଦିରରେ ବିମ୍ବାସୁର ବଧ, କୁକୁଟୀ ବ୍ରତ |
| ତା. ୨୫.୮.୨୦ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଲଳିତା ସପ୍ତମୀ, କେକେଶୀ ବଧ, ଦୁର୍ଗା ଶୟନ |
| ତା. ୨୬.୮.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ରାଧାଷ୍ଟମୀ, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |
| ତା. ୨୮.୮.୨୦ ରିଖ ଶୁକ୍ରବାର | ଶ୍ରୀମନ୍ଦିର କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣୀଖିଆ, ମଥୁରାହାଟ ଜୁର |
| ତା. ୨୯.୮.୨୦ ରିଖ ଶନିବାର | ଶ୍ରୀମନ୍ଦିରରେ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ, ବାମନ ଜନ୍ମ, ସୁନିଆଁ ଓ ଇନ୍ଦ୍ରଧ୍ୱଜ ପୂଜା |
| ତା. ୩୦.୮.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ବଳିବାମନ ବେଶ, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ |
| ତା. ୧.୯.୨୦ ରିଖ ଶୁକ୍ରବାର | ଶ୍ରୀମନ୍ଦିର ଅନନ୍ତ ବ୍ରତ |
| ତା. ୨.୯.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା, ଇନ୍ଦ୍ରହାତୀ ପ୍ରସ୍ତାବ |
| ତା. ୯.୯.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ସହସ୍ରାକୁମ୍ଭାଭିଷେକ, ଦେବୀ ଉତ୍ଥାପନ |
| ତା. ୧୦.୯.୨୦ ରିଖ ଗୁରୁବାର | ଶ୍ରୀମନ୍ଦିରରେ ମୂଳାଷ୍ଟମୀ, ଦ୍ୱିତୀୟା ଓଷା, ଷୋଡ଼ଶଦିନାତ୍ମକ ପୂଜାରମ୍ଭ |
| ତା ୧୩.୯.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ଇନ୍ଦିରା ଏକାଦଶୀ |

ସୌଜନ୍ୟ- OMC | ODISHA NEW OPPORTUNITIES

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100
E-mail : Jagannath.or@nic.in * Web Site : www.shreejagannatha.in
Printed at : Rama Press, North Gate, Puri, Ph. : 222145
ମୂଲ୍ୟ : ଦୁଇଟଙ୍କା ମାତ୍ର